# Akashvani, Sambalpur

## SAMBALPURI NEWS EVENING BULLETIN

## 16 February 2026-7.02- 7.12 pm.

---

୧- ସାନ୍ତାଳି ସମ୍ପ୍ରଦାୟ ଲୁକ୍‌କର୍ ଭିତ୍‌ରେ ଏକତା ରଖିବାର୍ ଲାଗି ଅଲଚିକି ଲିପି ଗୁଟେ ବର୍‌କସ୍ ମାଧ୍ୟମ୍ ସାଜିଛେ କହେଲେ ରାଷ୍ଟ୍ରପତି ।

- ଅଲଚିକି ଲିପିର ଶହେ ବଛର୍ ପୂର୍ତ୍ତି ଅବ୍‌ସରେ ଦିଲ୍ଲୀ ନ ଆୟୋଜିତ ହେଲା ଖାସ୍ ସମାରୋହ ।

୨- ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଭାରତ୍ ଏଆଇ ଇମ୍ପାକ୍ଟ ଏକ୍ସପୋ -୨୦୨୬ କେ ଉଦ୍‌ଘାଟନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ଠାନୁ ହେବା ମୁଳ୍ ।

- ଗୃହକେ ସୁରୁଖୁରୁଥି ଚଲାବାର୍‌କେ ସବୁଦଲର୍ ନେତାମାନ୍‌କୁ ଅନୁରୋଧ୍ କଲେ ବାଚସ୍ପତି ।

ଆଉର୍

୪- ସମୃଦ୍ଧ କୃଷକ୍, ସମୃଦ୍ଧ ସମ୍ବଲପୁର୍ ମନ୍ତ୍ରକେ ଆଧାର୍ କରିକରି କୃଷି ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ଜୋର୍ ଦଉଛନ୍ କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଅଲଚିକି ଲିପିର ଶହେ ବଛର୍ ରାଷ୍ଟ୍ରପତି/ ଏକ୍ସ ହେଣ୍ଡେଲ୍

ସାନ୍ତାଳି ସମ୍ପ୍ରଦାୟ ଲୁକ୍‌କର୍ ଭିତ୍‌ରେ ଏକତା ରଖ୍‌ବାର୍ ଲାଗି ଅଲଚିକି ଲିପି ଗୁଟେ ବର୍‌କସ୍ ମାଧ୍ୟମ୍ ସାଜିଛେ । ସାରା ପୁର୍‌ଥି ନ ଅଲ୍‌ଚିକିର୍ ଜରିଏ ହିଁ ସାନ୍ତାଳି ମାନ୍‌କୁ ଗୁଟେ ଖାସ୍ ପରିଚୟ ମିଳିପାରିଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ଡକ୍ଟର୍ ଆମ୍ବେଦ୍‌କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ପଣ୍ଡିତ ରଘୁନାଥ ମୁର୍ମୁ ତିଆର୍ କରିଥିବା ଅଲଚିକି ଲିପିର ଶହେ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ହେଇଥିବା ଗୁଟେ ଖାସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଇଟା କହିଛନ୍ । କେନ୍‌ସି ଭିଲ୍ ଭାଷାର୍ ଶହେ ବଛର୍ ପୂର୍ତି ପାଲନ୍ ଗୁଟେ ବଡ଼ ଉପଲବ୍ଧି ଆଏ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ ଅବ୍‌ସରେ ଅଲଚିକି ଲିପିର୍ ପ୍ରଦର୍ଶନୀ, ଇ ଲିପି ଉପ୍‌ରେ ଆଧାରିତ୍ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ୍ କରାଯିବାର୍ ସହେତେ ଗୁଟେ ସ୍ମାରକୀ ଡାକଟିକଟ୍ ଆଉ ମୁଦ୍ରା ଉନ୍ମୋଚନ୍ କରାଯାଇଛେ ।

ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଆଏଜ୍ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ -୨୦୨୬ କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଭିନ୍ ଭିନ୍ ଷ୍ଟଲ୍ ବୁଲିକରି ଦେଶର୍ ଏଆଇ ଷ୍ଟାର୍ଟଅପ୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇତାର୍‌ସହେତେ ଆଏଜ୍ ସଖାଲ୍‌ବେଲା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ -୨୦୨୬ ଭିଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ସଖାଲ୍‌ବେଲା ଗୁଟେ ଅଧିବେଶନ୍‌ଥି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ଭାରତ୍‌ର ବର୍‌କସ୍ ଡିଜିଟାଲ୍ ଭିତିଭୂମି ଆଉ ଦକ୍ଷ ଜନତାଙ୍କର୍ ଲାଗି ଦେଶର୍ କ୍ରିଏଟର୍ ଅର୍ଥନୀତି ଜୋର୍‌ସେ ଆଗ୍‌କେ ବଢ଼ିଚାଲିଛେ ବଲି କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍,

କେନ୍ଦ୍ର ସରକାର୍ କୃତ୍ରିମ ବୁଦ୍ଧିମତାର୍ ସକାରାତ୍ମକ ଆଉ ନକାରାତ୍ମକ ପ୍ରଭାବ୍ ଉପ୍‌ରେ ଧ୍ୟାନ୍ ଦଉଛନ୍ । ଖାସ୍ କରି ଏଆଇର୍ ଲାଭ୍ ଲୁକ୍‌କୁ ପହଁଚାବାର୍ ଦିଗେ ଅଏତ୍‌କା ଧ୍ୟାନ୍ ଦଉଛନ୍ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ସମ୍ମିଲନୀଥି କୃତ୍ରିମ ବୁଦ୍ଧିମତାର୍ ବେଭାର୍ ସଙ୍ଗେ ସ୍ୱାସ୍ଥ୍ୟ, ସେବା, କୃଷି ଆଉ ପ୍ରଶାସନିକ୍ କ୍ଷେତ୍ରର୍ ଅଭିବୃଦ୍ଧି ବାବ୍‌ଦେ ଆଲୋଚନା କରାଯିବା । ୫ ଦିନିଆ ସମ୍ମିଲନୀଥି ୧୩ ଟା ଦେଶର୍ ପ୍ରତିନିଧିମାନେ ଯୋଗ୍ ଦେଇଛନ୍ । ଇଥି ୩ ଶହ ନୁ ଅଏତ୍‌କା ପ୍ରଦର୍ଶନୀ ଆଉ ୫ ଶହ ନୁ ଅଏତ୍‌କା ଅଧିବେଶନ୍ ହେବା ।

ସର୍ବଦଳୀୟ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା/ଏକ୍ସ

ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଅଧିବେଶନ୍ ଆଘୋନୁ ଆଏଜ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସର୍ବଦଳୀୟ ବୈଠକ୍ ହେଇଯାଇଛେ । ଅଧିବେଶନ୍‌କେ ସୁରୁଖୁରୁଥି ସାର୍‌ବାର୍ ଲାଗି

ବାଚସ୍ପତି ସମ୍‌କର୍ ସହଯୋଗ୍ ମାଗିଛନ୍ । ବିଧାନ୍‌ସଭା ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ସର୍‌କାରୀ ଦଳ ମୁଖ୍ୟ ସଚେତକ ସରୋଜ୍ ପ୍ରଧାନ୍, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ୍ ବିଧାୟକ ଦଳର୍ ନେତା ରାମଚନ୍ଦ୍ର କାଡାମ୍‌ଙ୍କର୍ ସହେତେ ଅଲ୍‌ଗା ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ । ବିଧାନ୍‌ସଭା ଅଧିବେଶନ୍ ଆଘୋନୁ ହେଇଥିବା ଇ ସର୍ବଦଳୀୟ ବୈଠକ୍‌ଥି ଗଠନ୍‌ମୂଳକ୍ ଆଲୋଚନା ହେଇଥିଲା । ଜନସାଧାରଣ୍‌ଙ୍କର୍ ସ୍ୱାର୍ଥରକ୍ଷା ସହେତେ ବିକଶିତ ଓଡ଼ିଶା ଗଠନ୍ ସଂକଳ୍ପ ସାକାର୍ କର୍‌ବାର୍ ଲାଗି ସର୍‌କାର୍ ସବୁବେଲେ ପ୍ରତିଶ୍ରୁତିବଦ୍ଧ ଆନ୍ । ବିଧାନ୍‌ସଭା ହେଉଛେ ରାଜ୍ୟବାସୀଙ୍କର୍ ଆଶା ଆଉ ବିଶ୍ୱାସ୍‌ର ପ୍ରତିଫଳନ୍ ।

ଆଏବା ଅଧିବେଶନ୍‌କେ ଠିକ୍ ଆଉ ସଫଲ୍ ଭାବେ ପରିଚାଲନା କର୍‌ବାର୍ ଲାଗି ସବୁ ଦଳର୍ ସକାରାତ୍ମକ ସହଯୋଗ୍ ଆଉ ସମନ୍ୱୟ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ସପ୍ତଦଶ ବିଧାନ୍‌ସଭାର୍ ୬ ନମ୍ବର୍ ଆଉ ବଜେଟ୍ ଅଧିବେଶନ୍ ୨ ଟା ଖେପ୍‌ଥି ଆଏବା କାଏଲ୍‌ଠାନୁ ମୁଲ୍ ହେବା । ପହେଲା ଖେପ୍ ଏପ୍ରିଲ୍ ୮ ତାରିଖ୍‌ତକ୍ ଚାଲ୍‌ବା । ଇ ଅଧିବେଶନ୍‌ଥି ୨୮ ଟା କାର୍ଯ୍ୟଦିବସ୍ ରହିଛେ । ବଜେଟ୍ ଅଧିବେଶନ୍‌କେ ନେଇକରି କମିଶନରେଟ୍ ପୁଲିସ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ବିଧାନ୍‌ସଭା ଚାର୍‌ହିଆଡ଼େ ୩୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହିଛନ୍ । ସେଆଡ଼େ ଆଏଜ୍ ସଞ୍ଜ୍‌ବେଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର୍ ଅଧ୍ୟକ୍ଷତାଥି ବିଜେପି ବିଧାୟକ୍ ଦଲର୍ ବୈଠକ୍ ଚାଲିଛେ । ସଞ୍ଜବେଲର୍ ୫ ବଜେନୁ ଶଙ୍ଖ ଭବନ୍ ନ ଭିଲ୍ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକଙ୍କର୍ ଅଧ୍ୟକ୍ଷତାଥି ବିଜେଡ଼ି ବିଧାୟକ୍ ଦଲର୍ ବୈଠକ୍ ହେଉଛେ ।

ରତ୍ନଭଣ୍ଡାର୍ ସମୀକ୍ଷା ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ମାହାପୁରୁଙ୍କର୍ ରତ୍ନଅଲଙ୍କାର୍ ମାନ୍‌କର୍ ଖୋବ୍ ଜଲ୍‌ଦି ଗନ୍‌ତିମନ୍‌ତି କରାଯିବା ।

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍‌ନୁ ଇ ସୂଚ୍‌ନା ମିଲିଛେ । ବୈଠକ୍‌ଥି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କର୍ ସାମ୍ନା ନ ଗନ୍‌ତିମନ୍‌ତିର୍ ଏସ୍‌ଓପି ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତିର୍ ସବୁ ପୂର୍ବ ପ୍ରକ୍ରିୟା ଶେଷ୍ ହେଇଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପରିଚାଳନା କମିଟି ତର୍‌ଫୁ ଏସ୍‌ଓପି ତିଆର୍ କରାଯାଇଛେ । ସର୍‌କାର୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ଗନ୍‌ତିମନ୍‌ତି ମୁଲ୍ କରାଯିବା । ୧୯୭୮ ମସିହା ବେଲ୍‌କେ ହେଇଥିବା ଗନ୍‌ତି ମନ୍‌ତିର୍ ତାଲିକା ସାଙ୍ଗେ ବର୍ତମାନ୍‌ର ତାଲିକାର୍ ମେଲ୍ କରାଯିବା । ସବୁ ରତ୍ନଅଲଙ୍କାର୍‌ର ଫଟୋଗ୍ରାଫି ସହେତେ ଡିଜିଟାଲ୍ କାଟାଲକ୍ କରାଯିବା ବଲି ଜନାପଡ଼ିଛେ । ବୈଠକ୍‌ଥି ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ମୁଖ୍ୟମନ୍ତ୍ରୀଙ୍କର୍ ପରାମର୍ଶଦାତା ପ୍ରକାଶ୍ ମିଶ୍ର, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍-ମତ୍ସ୍ୟ ପ୍ରାଣୀସମ୍ପଦ୍ ମେଳା/ସମ୍ବଲପୁର ସମ୍ବାଦଦାତା

ସମୃଦ୍ଧ କୃଷକ୍, ସମୃଦ୍ଧ ସମ୍ବଲ୍ପୁର୍ ମନ୍ତ୍ରକେ ଆଧାର୍ କରିକରି ଜିଲ୍ଲାର୍ କୃଷି ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ଜୋର୍ ଦଉଛନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍ପୁର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ଚାଲିଥିବା ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳାଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ହୀରାକୁଦ୍ ଡେମ୍ ଲାଗି ଜିଲ୍ଲା ନ ଚାଷ୍‌ବାସ୍ ସୁରୁଖୁରୁଥି ଚାଲିଛେ । ବାଦ୍ ପଡ଼ିଥିବା ୧ ଲାଖ୍ କ୍ୱିଂଟାଲ୍ ଧାନ୍ ଘିନ୍‌ବାର୍ ଲାଗି ଜିଲ୍ଲା ନ ୩ ନମ୍ବର୍ ଖେପ୍‌ଥି ଟୋକନ୍ ଯୁଗେଇ ଦିଆଯାଇଛେ । ଇଛେନ୍‌କା ସର୍‌କାର୍ ଚାଷୀମାନ୍‌କର୍ ଉନ୍ନତି ଲାଗି ସଜାଗ୍ ଆଉ ଦାୟିତ୍ୱବାନ୍ ରହିଛନ୍ । ଗାଁର୍ ବିକାଶ୍ ହେଲେ, ଦେଶର୍ ବିକାଶ୍ ହେଇପାର୍‌ବା । ଚାଷ୍ ସହେତେ ଜିଲ୍ଲାର୍ ଭିତିଭୂମି ଆଉ ଯୋଗାଯୋଗ୍ କ୍ଷେତ୍ରଥି ଗୁଟେ ବଡ଼ ପରିବର୍ତନ୍ ଆସ୍‌ବାର୍‌କେ ଯାଉଛେ । ସମ୍ବଲ୍ପୁର୍‌କେ ଗୁଟେ ଆଧୁନିକ୍, ସ୍ୱଚ୍ଛ ଆଉ ବିକଶିତ୍

ଜିଲ୍ଲା ଭାବେ ଗଢ଼ିବାର୍ ଲାଗି ଚେରେଷ୍ଟା ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଏମ୍ସିଏଲ୍ ତର୍ଫୁ ଗୋରୁ ଚାଷୀମାନ୍କୁ ଶହେଟା ଗାଇ ବାଂଟିଛନ୍ । ଦିବ୍ୟାଙ୍ଗ ମାନ୍କୁ ୩୧ ଟା ହ୍ୱିଲ୍ଚେୟାର୍ ଆଉ ବେଟ୍ରୀ ଚାଲିତ୍ ଟ୍ରାଇ ସାଇକଲ୍ ବାଂଟିଛନ୍ ।

ସମ୍ବଲପୁର-ଦିଶା କମିଟି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଆଏଜ୍ ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ବ୍ୟବସ୍ଥା ସହେତେ ଲୁକ୍କର୍ ମୌଳିକ୍ ସମସ୍ୟାର୍ ସମାଧାନ୍ ପିଏମ୍ ସୂର୍ଯ୍ୟଘର ଯୋଜ୍ନା, ଜିଲ୍ଲା ମୁଖ୍ୟ ଡାକ୍ତର୍ଖାନା ନ ଭିତିଭୂମିର୍ ବିକାଶ୍ ବାବ୍ଦେ ବୈଠକ୍ଥି ଆଲୋଚନା କରାଯାଇଥିଲା । ଜିଲ୍ଲା ପ୍ରଶାସନ୍ର ବ୍ୟବସ୍ଥାକେ

ଆହୁରି ବର୍କସ୍ କର୍ବାର୍ ସହେତେ ଜନସେବାକେ ତୁର୍ତି କର୍ବାର୍ ଲାଗି ସବୁ ବିଭାଗ୍ ନ କୃତ୍ରିମ ବୁଦ୍ଧିମତାର୍ ବେଭାର୍, ପାରମ୍ପାରିକ୍ ଚାଷ୍ ଉପ୍ରେ ଶ୍ରୀ ପ୍ରଧାନ୍ ଜୋର୍ ଦେଇଥିଲେ ।

ବୈଠକ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍‌ଙ୍କର୍ ସହେତେ ଜିଲ୍ଲାପାଲ୍ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

୧୦, ୧୨ ଶ୍ରେଣୀ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ସିବିଏସ୍‌ଇ ୧୦ ଆଉ ୧୨ ଶ୍ରେଣୀ ବୋର୍ଡ଼୍ ପରୀକ୍ଷା ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଇ ବଛର୍ ଭାରତ୍ ସହେତେ ୨୬ ଟା ଦେଶର୍ ୪୬ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦଉଛନ୍ । ସେଆଡ଼େ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ - ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ଶିକ୍ଷାର ବାର୍ଷିକ୍ ପରୀକ୍ଷା ଆଏବା ବୁଧବାର୍ ଦିନ ମୁଲ୍ ହେବା । ରାଜ୍ୟର୍ ୨ ଶହ ୧୧ ଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସହେତେ ଗୁଟେ

ସବ୍‌ଟ୍ରେଜେରୀକେ ପରୀକ୍ଷା ପରିଚାଲନା କେନ୍ଦ୍ର କରାଯାଇଛେ । ଆଏବା ୨୮ ତାରିଖ୍ ଦିନ ପରୀକ୍ଷା ସର୍‌ବା ।

ଅଭିଯୋଗ୍ ଶୁଣାଣି ଶିବିର ବୌଦ୍ଧ/ ନୂଆପଡ଼ା

ବୌଦ୍ଧ ଜିଲ୍ଲା କଂଟାବାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୫୮ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୯ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୬୮ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ୪ ଜନ୍ ହିତାଧିକାରୀଙ୍କୁ ରେଡ଼କ୍ରସ୍ ତର୍‌ଫୁ ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ଇଗ୍ନୋ ନାଁଲେଖା ପି.ଆଇ.ବି.

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ- ଇଗ୍ନୋ ତର୍‌ଫୁ ଜାନୁଆରୀ ୨୦୨୬ ଶିକ୍ଷା ଅଧିବେଶନ୍‌ଥି ନାଁଲେଖା ଆଉ

ପୁନଃପଞ୍ଜିକରଣ୍ ସମିଆ ଇ ମାସର୍ ୨୮ ତାରିଖ୍‌ତକ୍ ବଢ଼ାଯାଇଛେ । ଛାତ୍ରଛାତ୍ରୀଙ୍କର୍ ଆବଶ୍ୟକତାକେ ନଜରଥି ରଖିକରି ଇ ସମିଆ ବଢ଼ାଯାଇଛେ । ପୁନଃପଞ୍ଜିକରଣ୍ ଲାଗି ଅଏତ୍‌କା ୨ ଶହ ଟଙ୍କା ଫିସ୍ ଦେବାର୍‌କେ ପଡ୍‌ବା । ଆଗ୍ରହୀ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଇଗ୍ନୋର୍ ୱେବ୍‌ସାଇଟ୍ www.ignou.ac.in ଥି ଲଗ୍‌ଇନ୍ କରିପାର୍‌ବେ ।